# ତହସିଲକାର୍ଯ୍ୟାଳୟ,ଦଶପଲ୍ଲା

ନଂ 1735 ତାରିଖ. 27.06.2023

## ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି କି ଯେ ସରକାରଙ୍କ ବୃହତ ରେଲୱେ ପ୍ରକଳ୍ପ ଅଦ୍ୟାବଧି ଦଶପଲ୍ଲା ତହସିଲ ଅଧିନସ୍ଥ ବିଭିନ୍ନ ମୌଜାରେ କାର୍ଯ୍ୟଚାଲୁ ରହିଅଛି । ଉକ୍ତ ରେଲୱେ କାର୍ଯ୍ୟ କରିବା ସମୟରେ ରେଲୱେ Alignment ରୁ ମୌଜା ଆରାସାହି ତଥା ଖମାରସାହି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧିନସ୍ଥ ପାଖାପାଖି ଆନୁମାନିକ 20800/- କ୍ୟୁବିକ ମିଟର ପଥର ଉତ୍ତୋଳନ ହୋଇ ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଗଚ୍ଛିତ ହୋଇ ରହିଅଛି । ଏହା ସରକାରଙ୍କ ସମ୍ପତ୍ତି ଅଟେ । ଏହାକୁ ବିଧି ସମ୍ମତ ନିଲାମ ପ୍ରକ୍ରିୟା ଜରୀଆରେ ସର୍ବସାଧାରଣଙ୍କ ଅବଗତି ଓ ଏହି ନିଲାମ ପ୍ରକିୟାରେ ଭାଗ ନେଇ ସରକାରଙ୍କୁ ତାହାର ପ୍ରଚଳିତ ନିୟମ ଆଧାରରେ ରାଜସ୍ୱ ଦାଖଲ କରିବାକୁ ବାଧ୍ୟେୟ ଅଟେ । ଏଣୁ ଉକ୍ତ ଲଘୁଖଣିଜ ସମ୍ପତ୍ତିର ଆନୁମାନିକ ମୂଲ୍ୟ ଟ.95,79,240/- ଙ୍କା ଧାର୍ଯ୍ୟ କରାଯାଇଅଛି । ଏହି ଉପରୋକ୍ତ ଧାର୍ଯ୍ୟ ମୂଲ୍ୟକୁ ଆଧାର କରି ନିଲାମ ପ୍ରକ୍ରିୟାରେ ଭାଗନେଇ ଧାର୍ଯ୍ୟ ତା 03.07.2023 ରିଖ ସମୟ ଦିବା 11.00 ଘଟିକା ଉକ୍ତ କାର୍ଯ୍ୟାଳୟ ତରଫରୁ ସ୍ଥିର କରାଯାଇଅଛି ।

ଏଣୁ ସର୍ବସାଧାରଣଙ୍କୁ ଏହା ଅବଗତ କରାଗଲା ଯେ ଉପରୋକ୍ତ ମୌଜାରେ ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥକୁ ସମୂହରେ ନିଲାମ ପ୍ରକିୟା ଜରିଆରେ ଧାର୍ଯ୍ୟ ତାରିଖ ଓ ସମୟେ ଅନୁଯାୟୀ ତାହା ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଏହି ନିଲାମରେ ଭାଗ ନେବା ପାଇଁ ସର୍ବସାଧାରଣ ଙ୍କୁ ଉକ୍ତ ନୋଟିସ ମାଧମରେ ଅବଗତ କରାଗଲା । ଧାର୍ଯ୍ୟ ମୂଲ୍ୟ କିମ୍ବା ତାହାଠାରୁ ଉର୍ଦ୍ଧ୍ୱରେ ଥିବା ମୂଲ୍ୟ ଅଂଶଗ୍ରହଣକାରୀ ବା ନିଲାମଧାରୀଙ୍କୁ ସରକାରଙ୍କ ବୃହତ ସ୍ୱାର୍ଥକୁ ଆଖି ଆଗରେ ରଖି ଉକ୍ତ ଗଚ୍ଛିତ ସମ୍ପତ୍ତି ସେହି ଯାଗାରୁ ଉଠାଇନେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗଚ୍ଛିତ ସମ୍ବଳର ଆନୁମାନିକ ମୂଲ୍ୟ- ଟ 9579240.00ଙ୍କା

ଅମାନତ ରାଶି ଆନୁମାନିକ ମୂଲ୍ୟ ର 1 ପ୍ରତିଶତ – ଟ.95793.00 ଙ୍କା

ବି.ଦ୍ର – 1.ଆଗତ କରାଯାଇଥିବା ଆନୁମାନିକ ମୂଲ୍ୟର ଅମାନତ ରାଶି ତହସିଲ କାର୍ଯ୍ୟାଳୟରେ cheque /draft ମାଧମରେ ଉପରୋକ୍ତ ଧାର୍ଯ୍ୟ ତାରିଖ ପୂର୍ବରୁ ପ୍ରଦାନ କରି ଉକ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁମତି ପ୍ରଦାନ କରାଯିବ

2.ନିମ୍ନସ୍ୱାକ୍ଷରକାରୀ କୌଣସି ପୂର୍ବ ନୋଟିସ ନ ଦେଇ ଏବଂ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରସ୍ତାବ କୁ ଗ୍ରହଣ କିମ୍ବା ପ୍ରତ୍ୟାଖାନ କିମ୍ବା ନିଲାମ ପ୍ରକ୍ରିୟାକୁ ଘୁଞ୍ଚାଇ ନେବା / ସ୍ଥଗିତ ରଖିବା/ବାତିଲ କରିବା କିମ୍ବା ବିକ୍ରୟ ନିୟମାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଅଛିନ୍ତି ।

27/6/23

ତହସିଲଦାର,ଦଶପଲ୍ଲା

Memo No. 1736 Dt... 27.06.2023

Copy forwarded to the District Information Officer, NIC Collectorate, Naygarh with a request to uploading the notice in the Dist-website.

27/6/23

Tahasildar,Daspalla

Memo No. 1737 Dt... 27.06.2023

Copy submitted to the Additional District Magistrate,Nayagarh for favour of kind information & necessary action.

27/6/23

Memo No. 1738 Dt... 27.06.2023 Tahasildar,Daspalla.

Copy submitted to the Chief Development Officer-cum-Executive Officer, Zilla Parishad,Nayagarh/All Block Development Officer & All Tahasildar of Nayagarh District for information with a request to affix such notice in their Notice Board for wide publication at an earliest.

Tahasildar,Daspalla

27/6/23